ପ୍ରେସ୍‌ନୋଟ୍

## ଆନ୍ତଃର୍ଜାତୀୟ୍ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳିତ ।

ଅନୁଗୋଳ,ତା.୨୬.୬:- ଦିନକୁ ଦିନ ଯୁବ ସମାଜ ନିଶାର କବଳରେ ପଡି ବିପଥଗାମୀ ହେଉଛି । ଏହାଦ୍ୱାରା ସମାଜରେ ଅଶାନ୍ତି ,ହିଂସା,ହତ୍ୟା,ଲୁଣ୍ଠନ ଓ ଦୁର୍ଘଟଣା ଭଳି ଘଟଣା ଘଟୁଛି । ନିଶା ସେବନର କୁପ୍ରଭାବ ସମାଜ ଉପରେ କିପରି ପଡୁଛି ତାହାର ନିରାକରଣ ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଆନ୍ତଃର୍ଜାତିକ ସ୍ତରରେ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ୍ ପରିସରରେ ଏକ ସଚେତନତା ରଥ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାହାରିଛି । ଏହି ରଥକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ନିଶା ସେବନ ହେଉଛି ସମାଜର ଏକ ଗୁରୁତ୍ୱର ସମସ୍ୟା ଯାହାର ସାରା ପୃଥିବୀ ସମ୍ମୁଖୀନ ହେଉଛି । ବର୍ତ୍ତମାନ ସମାଜରେ ନିଶା ସେବନ ଦ୍ରୁତ ଗତିରେ ଯୁବ ସମାଜ ଉପରେ ବ୍ୟାପୁଛି । ଏହା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇ ଆମର ଆର୍ଥିକ ସ୍ଥିତିରେ ଅବନତି ଘଟୁଛି । ଏହି ନିଶା ଦ୍ରବ୍ୟ ବ୍ୟବହାର ଓ ଅବୈଧ ଚାଲାଣକୁ ବିରୋଧ କରିବା ସହ ନିଶାସକ୍ତ ବ୍ୟକ୍ତିମାନଂକର ଚିକିତ୍ସା ଓ ଯତ୍ନ ନେବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ରଥ ସହ ଅନୁଗୋଳ ଉଚ୍ଚ ବିଦ୍ୟାଳୟ୍ର କ୍ରୀଡା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀମାନଂକୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ । ପୂର୍ବରୁ ଛାତ୍ର ଛାତ୍ରୀମାନଂକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ,ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଂକୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା ସମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାରାୟ୍ଣ ମହାପାତ୍ର ପରିଚାଳନା କରିଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା.୩୫୩ ତା.୨୬.୦୬.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଡ଼ୁଃ ସହି ୨୬/୬/୨୦୨୨

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ
ଅବୈଧ ଚାଲାଣ ବିରୋଧ ଦିବସ-୨୦୨୨
LADIES CORNER


ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ


NASHA MUKT
BHARAT ABHIYAN
ନିଶା ମୁକ୍ତ ଭାରତ ଅଭିଯାନ
OD 19M 1712